# କାନ୍ଧକେଲ ଗାଁର ଗଳ୍ପ :
# ବଲାଙ୍ଗୀର ଜିଲ୍ଲାର ସାନ୍ତାଳ ବ୍ଲକର କାନ୍ଧକେଇ ଗ୍ରାମରେ
# ମହିଳା ମାନଙ୍କଦ୍ୱାରା ଏକ ସାହସିକ ପ୍ରୟାସ କରାଯାଇଛି
# ସେମାନଙ୍କର ଗରବୀକବଳ ଭାଙ୍ଗୀବା ପାଇଁ :

*ଗ୍ରାହାମ ହେଇର, ଏସ୍.ଡି.ତ୍ରିପାଠି, ବି.କେ. ସତ୍ପଥୀ, ମୁକୁନ୍ଦ ନାୟକ, ଏବଂ ଦିପ୍ତୀ ବେହେରା ଦ୍ୱାରା ଲିଖିତ*

ପୃଥିବୀର ଏକ ତୃତୀୟାଂଶ ଲୋକ ସଂପୁର୍ଣ୍ଣ ଗରିବିରେ ଜୀବନ ଯାପନ କରନ୍ତି ବୋଲି ବର୍ଣ୍ଣନା କରାଯାଇଛି, ଆଜି ଭାରତରେ ତାହା ଦେଖିବାକୁ ମିଳେ । ଏହି ବିରାଟ ଦେଶର ସମସ୍ତ ପ୍ରଦେଶ ଓ ଜିଲ୍ଲାରେ ଏହା ଦେଖିବାକୁ ମିଳେ, ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କ ମଧରେ କଳାହାଣ୍ଡି, ବଲାଙ୍ଗୀର, ନୂଆଁପଡ଼ା ଜିଲ୍ଲାରେ ସବୁଠାରୁ ଅଧିକ ଗରିବି ଦେଖିବାକୁ ମିଳେ । ଯଦି ତୁମେ ବଲାଙ୍ଗୀର ସହରର ଦକ୍ଷୀଣକୁ ଯାତ୍ରା କରିବ ୨୦୧ ସଡ଼କରେ ତେବେ ଏକ ସଂକୀର୍ଣ୍ଣ ସଡ଼କ ମିଳିବ ଯାହାକି କେବଳ ଗୋଟିଏ ବାହାନ ଯାତାୟାତ ପାଇଁ ଉପଯୁକ୍ତ ମାତ୍ର ସେଥିରେ ପ୍ରତିବେଳେ ଗୋଟିଏ ଟ୍ରକ୍ କିମ୍ବା କାରକୁ ରାସ୍ତା ଦେବା ପାଇଁ ପଡ଼େ ସେଥିରେ ଦୁଇଟି ଯାକ ବାହାନ ରାସ୍ତାରେ ଭିଡ଼ାଭିଡି ହୋଇ ପାରି ହୋଇଥାନ୍ତି । ୩୦ କିଲୋମିଟର ପରେ ବାମକୁ ଏକ ଛୋଟ ରାସ୍ତାଯାଇଛି । ଏହି ରାସ୍ତାରେ କିଛି କିଲୋମିଟର ତଳକୁ ଗଲେ ଗୋଟିଏ ଗ୍ରାମ ଅବସ୍ଥିତ ଯେଉଁଥିରେ ପ୍ରାୟ ୬୦୦ ରୁ ଅଧିକ ପରିବାର ବାସ କରନ୍ତ । ସେହି ଇଟା ମାଟିର ଘର ଗୁଡ଼ିକ ଅନୁସୁଚିତ ଜାତି ଓ ଅସୁସୁଚିତ ଜନଜାତୀ ପୁଣି ଅନ୍ୟାନ୍ୟ ଲୋକ ଯେଉଁ ମାନଙ୍କୁ ପିଛଡ଼ା ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଛି ସେମାନେ ବାସ କରନ୍ତି । ଗ୍ରାମର ସର୍ବତ୍ର ଘର ମାନଙ୍କରେ ଓ ବାଉଁଶ ଚାଳିଆରେ ପୁରୁଷ ଓ ସ୍ତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସି ଶାଢ଼ୀ ବୁଣୁଥାନ୍ତି । ସେହି ସରୁ ରାସ୍ତାରେ ଓ ଘରର କାନ୍ଥରେ ଲୁଗା ଓ ସୂତା କଟାର ସରଞ୍ଜାମ ସେହି ରାସ୍ତାକୁ ଆହୁରୀ ସଂକୀର୍ଣ୍ଣ କରିଦେଇଥାଏ ।

## ଗରିବିର ଜନ୍ତା

ଶ୍ରୀମାନ ବି.କେ ସତ୍ପଥି କହନ୍ତି ଯେ ଏହି ଲୋକମାନେ ଗରିବର ଜନ୍ତାରେ କବଳିତ ହେଉଛନ୍ତି । ଶ୍ରୀମାନ ସତ୍ପଥି ସହଭାଗୀ ବିକାଶ ଅଭିଜାନ (SVA) ଏକ NGO ରେ କାର୍ଯ୍ୟ କରନ୍ତି, ଯାହାର ଅର୍ଥ ଏକ କାର୍ଯ୍ୟକାରୀ ଦଳ ଯାହାକି ଉନ୍ନତିରେ ସହଭାଗୀ ହୁଏ । ପ୍ରାୟ ଏକ ବର୍ଷଧରି ସେ ଏକ ଜଳାଶୟ ଉପରେ ଆଧାରିତ ଉନ୍ନୟନ ଯୋଜନା ଆରମ୍ଭ କରିବାରେ ସାହାର୍ଯ୍ୟ ପ୍ରଦାନ କରୁଛନ୍ତି । ପଶ୍ଚିମ ଓଡ଼ିଶା ରାଜ୍ୟ ସରକାରର ଗ୍ରାମୀଣ ଜିବିକା ନିର୍ବାହ ଯୋଜନା କୁ କାର୍ଯ୍ୟକାରୀ କରିବା ପାଇଁ SVA ହେଉଛି ଏକ ପ୍ରତିନିଧି ଦଳ ଏହି ଯୋଜନା UK ସରକାର ର ଡିପାର୍ଟମେଣ୍ଟ ଫର ଇନ୍ଟାରନେସନାଲ୍ ଡେଭଲପ୍‌ମେଣ୍ଟ ଦ୍ୱାରା ସାହାର୍ଯ୍ୟ ପାଏ । ପଶ୍ଚିମ ଓଡ଼ିଶାରେ ଜଳ ଏକ ଦୂର୍ଲ୍ଲଭ ପଦାର୍ଥ ଏବଂ ଜଳାଶୟ ଏକ ପ୍ରୟୋଜନୀୟ ଭୌଗଳିକ ଏକମାତ୍ର ସ୍ଥଳ ଯାହାକି ସେହି ସ୍ଥାନରେ ବର୍ଷା ଜଳ କୁ ସଂଗ୍ରହ କରିବା ପାଇଁ ସାହାର୍ଯ୍ୟ କରେ । ଭାରତ ଅନେକ ଗୁଡ଼ିଏ ଉନ୍ନୟନ ମୂଳକ କାର୍ଯ୍ୟ କରୁଛି ଯାହାକି ଜଳାଶୟ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ସଂରକ୍ଷଣ କ୍ଷମତା, ଉପରେ ଆଧାରୀତ ଯାହାକି ଜଳଚାଷ ଯେପରି ପୋଖରୀ ଏବଂ ଟାଙ୍କି ଦ୍ୱାରା କାରାଯାଏ ଏବଂ ଅନ୍ୟ ଜଳ ସ୍ଥାନୀୟ ଲୋକମାନଙ୍କର ଜିବିକା ନିର୍ବାହ ପାଇଁ ଦରକାରରେ ଆସେ ।



କାନ୍ଧକେଲ ଗାଁରେ ବୁଣାଳି ଫୋଟ କ୍ଷ୍ରିମ ୨୦୦୫

''ଗରିବି ଜନ୍ତା'' ? ଆମ୍ଭେମାନେ ପ୍ରଶ୍ନକଲୁ । ଏମାନେ ହେଉଛନ୍ତି ସୃଜନକ୍ଷମ ବୁଣାଳି ଏହି ଲୋକ ମାନଙ୍କର ଲୁଗାର ଗୋଟିଏ ସ୍ୱତନ୍ତ୍ର ଶୈଳୀ ରହିଛି । କିନ୍ତୁ ଯେଉଁମାନେ ସେମାନଙ୍କୁ ସୂତା ଯୋଗାଇଥାନ୍ତି ସେମାନେ ଲୁଗା ଗୁଡ଼ିକ ନେଇ ବିକ୍ରୀ ମଧ କରନ୍ତି, ଏମାନଙ୍କୁ ପ୍ରତ୍ୟେକ ଶାଢୀ ପାଇଁ କେବଳ ଅଳ୍ପ କିଛି

ମଜୁରୀ ଦେଇଥାନ୍ତି । ଯଦ୍ୟପି ସେମାନେ ଦକ୍ଷ ଏବଂ କଠିନ ପରୀଶ୍ରମୀ ତଥାପି ଦିନକୁ କେବଳ ୨୫ ରୁ ୩୦ ଟଙ୍କା ପାଇଥାନ୍ତି ଯାହା (୬୦ ରୁ ୭୦ ସେନ US) । ଏହି ବ୍ୟବସ୍ଥା ଅନୁଯାୟୀ, ବୁଣିବା ସେମାନଙ୍କର ବଞ୍ଚିବା ପାଇଁ ବେଶୀ କିଛି ଯୋଗାଇ ପାରେ ନାହିଁ ଏବଂ ଲୋକ ମାନେ ତାଙ୍କର ଗରୀବିରୁ ମୁକ୍ତି ପାଇବା ପାଇଁ ଅନ୍ୟ ରାସ୍ତା ଖୋଜୁଥାନ୍ତି ।

## ଜୀବନର ଆଲୋକ

କିଛି ବର୍ଷ ତଳେ, ସେହି ଗ୍ରାମର ଓଡ଼ୋଶ ପୋଡ଼ଶ ବୁଣାଳୀ ମହିଳା ମାନେ ନିଜମାନଙ୍କର ସଂକଟାପନ୍ନ ପରିସ୍ଥିତି ବିଷୟରେ ମିଳିତଭାବରେ ଆଲୋଚନା କଲେ ଏବଂ ଏକ ସ୍ୱୟଂ ସହାୟକ ଦଳ ଗଠନ କଲେ ଯାହାକୁ ସେମାନେ କହନ୍ତି ‘ ଜୀବନ ଜ୍ୟୋତି’ (ଜୀବନର ଆଲୋକ) ।



ସୁରଜଲୀ କାଟହ, କାନ୍ଧକେଲ ଗାଁ

ପ୍ରାୟ ୧୦୦ ବର୍ଷରୁ ଅଧିକ ଦିନରୁ କାନ୍ଧକେଲ ଗାଁ ପରି ସ୍ଥାନୀୟ ଗ୍ରାମ ମାନଙ୍କରେ ବର୍ଷାଜଳକୁ ଏକ ଟେଙ୍କରେ ଅମଳ କରି ବା ସଂଗ୍ରହ କରି ରଖନ୍ତି । ପ୍ରାୟ ୧୦୦୦ ଲୋକ ସେହି ୯ ହେକ୍ଟର ‘‘ସୁରଜଲୀ କାଟହ’’ ରେ ଗାଧାନ୍ତି, ଗୋରୁ, ଛେଳି, ମେଣ୍ଢା ମାନେ ତାର କୂଳରେ ଚରନ୍ତି । ଏବଂ ମଇଁଷିମାନେ ସେହି ପାଣିରେ ପଶି ଗାଧାନ୍ତି ପ୍ରାୟ ପୁରାବର୍ଷ ଏହି ସଞ୍ଚିତ ପାଣି ବ୍ୟବହୃତ ହୁଏ , ଗ୍ରାମବାସୀ ମାନେ ଏହାର ବନ୍ଧତଳେ ଥିବା ଧାନକ୍ଷେତରେ ଏହି ପାଣିକୁ ସେଚନ ପାଇଁ ମଧ ବ୍ୟବହାର କରନ୍ତି । ‘‘ଜୀବନ ଜ୍ୟୋତି’’ର ମହିଳା ମାନେ ଜାଣନ୍ତି ଯେ ଏହି ଟେଙ୍କକୁ ବର୍ଷକ ହାରରେ ମାଛଚାଷ ପାଇଁ ଲିଜ୍ ଦିଆଯାଏ, ଏତେ ଅଳ୍ପ ସମୟ ମଧରେ ମାଛ ଜାଆଁଳ ଛାଡ଼ି ଉପଯୁକ୍ତ ମାତ୍ରାରେ ବଡ଼ ହେବା ପାଇଁ ସମୟ ମହୁତ କମ୍ ତେଣୁ ଏହି ଅଭିଜାନ ଲାଭପ୍ରଦ ହେବ କି ନାହିଁ ସେଥିପାଇଁ ସେମାନେ ଚିନ୍ତା କରନ୍ତି ।

## ଜୀବନର ଏକ ନୂଆ ଦିଗ :

ଏହାପରେ ୨୦୦୩ ମସିହାରେ ପୂର୍ବ ଭାରତର କୃଷକ ଓ ମତ୍ସ୍ୟଜୀବିମାନଙ୍କର ସୁପାରିଶ କ୍ରମେ ଆଇନଜ୍ଞମାନଙ୍କ ଦ୍ୱାରା ଦିଲ୍ଲୀରେ ଏକ ଆଦେଶ ଜାରୀ କରାଗଲା । ଓଡ଼ିଶା ସରକାର ଜିଲ୍ଲାପାଳ ମାନଙ୍କୁ ଏକ ସାରକୁଲାର ଦ୍ୱାରା ଆଦେଶ ଦେଲେ ପଟ୍ଟାର ସମୟ ସୀମା ୧ ବର୍ଷରୁ ୫ ବର୍ଷକୁ ବୃଦ୍ଧି କରିବା ପାଇଁ । ଜୀବନ ଜ୍ୟୋତିର ପନ୍ଦର ଜଣ ସଦସ୍ୟା ଏ ବିଷୟରେ ମୁକୁନ୍ଦ ନାୟକଙ୍କ ପାଖରୁ ଖବର ପାଇଲେ ଯିଏ କି ସ୍ଥାନିୟ ମତ୍ସ୍ୟଚାଷ କେନ୍ଦ୍ରର ସୁପରଭାଇଜର । ସେମାନେ ଏହି ସୁଯୋଗର ମହତ୍ୱ କୁ ବୁଝିଲେ ଏବଂ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଏହା ଏକ ନୂତନ ସୁଯୋଗ ଖୋଲିବ ବୋଲି ବୁଝିଲେ । ଜୀବନ ଜ୍ୟୋତି ର ପ୍ରେସିଡେଣ୍ଟ ଶ୍ରୀମତି ସୁଭାସିନି ମେହେର, ସେକ୍ରେଟାରୀ ଶ୍ରୀମତି ସୌଦାମିନି ମେହେର ଏବଂ ଦଳର ଅନ୍ୟାନ୍ୟ ସଦସ୍ୟା ମାନେ ଏହି ସୁଯୋଗ କୁ ହାସିଲ କରିବା ପାଇଁ ଯାହା



**ଶ୍ରୀମତୀ ସୌଦାମିନୀ ମେହେର, ଶ୍ରୀମତୀ ଶୁବାସିନୀ ମେହେର ଏବଂ ଜୀବନ ଜ୍ୟୋତି**

କିଛି କରଣୀୟ ସବୁ କରିବା ପାଇଁ ରାଜିହେଲେ , ନୂଆ ଲିଜ୍‌ର ପରିଧି ପ୍ରଦାନ ସହିତ ସେମାନଙ୍କର ଜୀବନର ଏକ ନୂଆପଟ୍ଟା ଆରମ୍ଭ ହେଲା । ସେହି ଦଳ ଜଳୀୟ ସଂପଦ କମିଟିର ପ୍ରେସିଡେଣ୍ଟ ଶ୍ରୀମାନ ପ୍ରମାନନ୍ଦ ଭୋଇଙ୍କ ସହିତ ଯୋଗାଯୋଗ କଲେ ଏବଂ ତାଙ୍କୁ ଏହି ସୁରଜଲୀ କାଟହ ର ପଟ୍ଟା ଦେବା ପାଇଁ ଅନୁରୋଧ କଲେ ଶେଷରେ ଜିଲ୍ଲାପାଳ ଏହି ସୁରଜଲୀ କାଟହର ପଟ୍ଟା ସେହି ସ୍ୱୟଂସେବୀ ଦଳର ସପକ୍ଷରେ ଦେଲେ ।

## ଅଧିକାର ରେ ନେବା ପାଇଁ ସଂଘର୍ଷ :

ଏହି ଲିଜ ବା ପଟ୍ଟା କୁ ହାସଲ କରିବା ବୁଣାଳୀ ମହିଳା ମାନଙ୍କ ପାଇଁ କିଛି ଛୋଟ ବିଷୟ ନଥିଲା, ଏହି ୫ ବର୍ଷର ଲିଜର ଦାମଥିଲା ୧୭୯,୯୨୨ ଟଙ୍କା (US $ ୪,୨୧୨) ଏବଂ ତାର ପ୍ରଥମ ଦେୟ ଯାହାଦ୍ୱାରା ଲିଜଟିକୁ ସଂରକ୍ଷିତ କରି ପାରିବେ ତାର ମୂଲ୍ୟ ଥିଲା ସଂପୂର୍ଣ୍ଣ ଦେୟର ୫୦% ପ୍ରତିଶତ । କାହିଁକି ନା ଜୀବନ ଜ୍ୟୋତିର ମହିଳାମାନେ ଅନୁସୁଚିତ ଜାତି, ଅନୁସୁଚିତ ଜନଜାତି । ତଥା ପିଛଡ଼ା ବର୍ଗର ମିଳାଜୁଳା ଥିଲେ ତେଣୁ ସେମାନେ ମଞ୍ଜୁରୀ ଓ ଋଣ ସୁବିଧା ଦରରେ ପାଇ ପାରିବେ ସେମାନଙ୍କର ସଂଗ୍ରାମର ସାହାର୍ଯ୍ୟ ପାଇଁ । ଯାହା ହେଉ ଏଇ ଗରୀବ ଲୋକମାନେ ଭଲ ଭାବରେ ଜାଣୁଥିଲେ ନିଜ ଅଧିକାରକୁ ଆଣିବା ଏକ ବିଷୟ ମାତ୍ର ଏହାକୁ ସୁରକ୍ଷିତ ରଖିବା ଅନ୍ୟ ବିଷୟ ।



ଯଦିଓ ଲିଜ ୫ ବର୍ଷ ପାଇଁ ସ୍ଥିରୀକୃତ ହୋଇଥିଲା ତଥାପି ସୁରଜଲୀ କାଟହ କେଉଁ ଶ୍ରେଣୀଭୁକ୍ତ ତାହାନେଇ ଅନେକ ସମସ୍ୟା ଥିଲା, ଏହି ଟେଙ୍କ ଟି ମଧ୍ୟମ ଧରଣର ଜଳସେଚନ ଯୋଜନା ଭାବରେ ରେକଡ୍ କରାଯାଇଛି (MIP) ଯାହାକି ପୂର୍ବ ନିୟମାନୁସାରେ ୫ ବର୍ଷ ପାଇଁ ଲିଜରେ ଦିଆଯାଇ ପାରିବ ନାହିଁ । ଯେ ପର୍ଯ୍ୟନ୍ତ ଏହି ଟେଙ୍କ ଶ୍ରେଣୀଭୁକ୍ତର ମାନ୍ୟତା ନ ପାଇଛି ସେ ପର୍ଯ୍ୟନ୍ତ ମଞ୍ଜୁରୀ ଋଣ ମିଳି ପାରିବ ନାହିଁ ।

ପ୍ରଥମ ଦେୟ ନ ଦେଇ ପାରିଲେ ମହିଳା ମାନେ ଏହି ଲିଜ କୁ ଅନ୍ୟପକ୍ଷ ପାଇଁ ହରାଇବେ । ତେଣୁ ସେମାନେ ବଲାଙ୍ଗୀର ଆଞ୍ଚଳିକ ଗ୍ରାମିଣ ବ୍ୟାଙ୍କ (BAGB) ପାଖରେ ଋଣ ପାଇଁ ଦରଖାସ୍ତ ଦେଲେ । ସେହି ବ୍ୟାଙ୍କ ଏହି ଦଳକୁ ବର୍ଷକୁ ୧୦.୫୦% ସୁଧ ହାରରେ ୨୫,୦୦୦ ହଜାର ଟଙ୍କା ଋଣ ଦେଲା । ବାକି ରକମ ପ୍ରାୟ ୬୫,୦୦୦ ହଜାର ଟଙ୍କା ପାଇଁ ସେମାନଙ୍କ ପାଖରେ କେବଳ ଗୋଟିଏ ସୁଯୋଗ ଥିଲା ଯେ ସ୍ଥାନୀୟ ସାହୁକାର ଠାରୁ ଋଣ ନେବ । ଯାହାର ହାର ମାସକୁ ୫% ଥିଲା । ଦଳ ନିଜ ମଧ୍ୟରେ ପରାମର୍ଶ କଲେ ଶୀମାନ ନାୟକ ଟେଙ୍କରେ ମାଛଚାଷ ସମ୍ବନ୍ଧୀୟ ଟେକ୍‌ନିକାଲ୍ ସୁବିଧା ସୁଯୋଗ ଦେବା ପାଇଁ ସେମାନଙ୍କୁ ପ୍ରତିଶୃତି ଦେଲେ । ଟେଙ୍କର ଶ୍ରେଣୀଭୁକ୍ତରେ ଅନିଶ୍ଚିତତା ପୁଣି ଅତ୍ୟଧିକ ସୁଧର ହାର, ଏହି ସମସ୍ତ ସମସ୍ୟାର ମୁଖାପେକ୍ଷା ନ କରି ପାରି ପାଞ୍ଚଜଣ ମହିଳା ସଂୟ ସେବୀ ସଂସ୍ଥାକୁ ଛାଡି ଚାଲିଗଲେ । ଜୀବନ ଜ୍ୟୋତିର ଅନ୍ୟ ସଦସ୍ୟାମାନେ ପ୍ରାୟ ଏକ ବର୍ଷ ଧରି ସେମାନଙ୍କର ଦାବିକୁ ନେଇ ଜିଲ୍ଲାପାଳଙ୍କ ପାଖକୁ ତିନିଥର ଯିବା ପରେ ଏହା ପରିଷ୍କାର ଭାବରେ ଜଣାଗଲା ଯେ ଟେଙ୍କ ଟି (MIP) ନୁହେଁ ମାତ୍ର ଏହା ପଞ୍ଚାୟତର ଟେଙ୍କ, ଜିଲ୍ଲାପାଳଙ୍କ ଅଫିସରୁ ଲିଜ୍‌ର ଅନୁମତି ପ୍ରଦାନ କରାଗଲା । ଏଥର ଭାଗ୍ୟ ସେହି ସାହସିକ ମହିଳାମାନଙ୍କର ସାଥ ଦେଲା । ମହିଳା ମାନେ ସେମାନଙ୍କର ଟେଙ୍କଟି ପାଇ ପାରିଲେ ।

ଯେତେ ଶୀଘ୍ର ହୋଇ ପାରେ ଋଣ ପରିଶୋଧ କରିବା ପାଇଁ ଓ ସୁଧର ହାର କୁ କମାଇବା ପାଇଁ ଦଳ ସେହି କାଟହ ରୁ ଛୋଟ ମାଛ ଅମଳ କରି ବିକ୍ରୀ କରିବାକୁ ଲାଗିଲେ । ପଶ୍ଚିମ ଓଡ଼ିଶାର ଗ୍ରାମୀଣ କ୍ଷେତ୍ରରେ ଏହି ମାଛ ବିକ୍ରୀ ପାଇଁ ବଜାର ସବୁବେଳେ ପ୍ରସ୍ତୁତ ଥାଏ । ମହିଳା ମାନେ ତାଙ୍କର ମାଛ ଧରି ସେହି ପୋଖରୀ ପାଖରେ କାନ୍ଧକେଲ ଗାଆଁର ଲୋକମାନଙ୍କୁ ତଥା ବାହାରୁ ସାଇକେଲ ଯୋଗେ ଆସିଥିବା ମାଛ ବ୍ୟବସାୟୀମାନଙ୍କୁ ବିକ୍ରୀ କରି, ୩ ମାସ ପରେ ସାହୁକାର ତଥା ବ୍ୟାଙ୍କର ଋଣକୁ ଧିରେ ଧିରେ ପରିଶୋଧ କଲେ । ବର୍ତ୍ତମାନ ସେମାନେ ଆସନ୍ତା ବର୍ଷ ପାଇଁ ଟେଙ୍କରେ ମାଛ ଛାଡ଼ିବା ପାଇଁ ଚିନ୍ତା କରୁଛନ୍ତି ।

## ମାଛ ଜାଆଁଳର ଖୋଜ :

ପଶ୍ଚିମ ଓଡ଼ିଶାରେ ମାଛର ବିହନ ଏତେ ସୁବିଧାରେ ମିଳେ ନାହିଁ । ମାଛ ଜାଆଁଳ ପାଳନ କେନ୍ଦ୍ର କେଉଁଠାରେ ଅଛି, କେଉଁଠୁ ଏବଂ କିପରି ତାହା କିଣି ପାରିବେ ଏହା ଖୋଜିବା କାନ୍ଧକେଲଗାଆଁର ବୁଣାଳୀ ମହିଳାମାନଙ୍କ ପାଇଁ ଥିଲା ଏକ ପ୍ରତିଦ୍ୱନ୍ଦିତା । ପଶ୍ଚିମ ଓଡ଼ିଶା ଗ୍ରାମୀଣ ଜିବିକା ନିର୍ବାହ ଯୋଜନା, କ୍ଷମତା ବର୍ଦ୍ଧକ ଦଳ ଓ ମତ୍ସ୍ୟଚାଷ ବିଭାଗ ମିଳିତ ଭାବରେ ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିବା ପାଇଁ ଚେଷ୍ଟା କଲେ ଦଳ ଦୁରଦୁରାନ୍ତ ବିନିକା ମତ୍ସ୍ୟଜାଆଁଳ ପାଳନ କେନ୍ଦ୍ରରୁ ୨୦୦,୦୦୦ ଛୋଟ ଜାଆଁଳ ଆଣିଲେ ଅଗଷ୍ଟ ମାସ ୨୦୦୪ ମସିହାରେ । ଜାଆଁଳ ଗୁଡିକ ଟେଙ୍କରେ ଛାଡ଼ିବା ପାଇଁ ବହୁତ ଛୋଟ ଥିଲା ପୁଣି ଟେଙ୍କରେ ପୂର୍ବରୁ ଥିବା ମାଛଗୁଡିକ ସେମାନଙ୍କୁ ଖାଇ ଅତିଶୀଘ୍ର ସେମାନଙ୍କର ସଂଖ୍ୟା ହ୍ରାସ କରିଦେବେ । ତେଣୁ ଶ୍ରୀମାନ ନାୟକଙ୍କର ଉପଦେଶ ଅନୁଯାୟୀ ଜୀବନ ଜ୍ୟୋତିର ସଦସ୍ୟା ମାନେ କାନ୍ଧକେଲଗାଆଁର ପାଖ ପଞ୍ଚାୟତରେ ଦୁଇଟି ଛୋଟ ପୋଖରୀ ଲିଜରେ ନେଲେ ଯାହାକି ଏହି ଛୋଟ ଜାଆଁଳକୁ ସୁରକ୍ଷିତ ଓ ଯତ୍ନପୂର୍ବକ ବଢ଼ିବାରେ ସାହାଯ୍ୟ କଲା । ଅକ୍ଟୋବର ୨୦୦୪ରେ ଏହି ଛୋଟ ଜାଆଁଳ ଗୁଡିକ ବଢ଼ି ୭୦ ରୁ ୧୦୦ ମିଲି ମିଟର ଲମ୍ବର ବଡ଼ ଜାଆଁଳ ହେଲେ, ପୁଣି ସେମାନେ ପ୍ରାୟ ୫୦,୦୦୦ ହଜାର ବଡ଼ ଜାଆଁଳ ପରବର୍ତ୍ତୀ କାଟହରେ ସଂଗୃହିତ କଲେ ବା ଛାଡ଼ିଲେ । ନାରସାରୀ ପୋଖରୀ ରୁ ସେ ଗୁଡିକୁ ଆଲୁମିନିୟମ୍ ହାଣ୍ଡିରେ ପୁରାଇ ସାଇକେଲ ରିକ୍ସା ରେ ବୋହି ଆଣିଲେ ।



**ଆଲୁମିନିୟମ୍ ହାଣ୍ଡି ବଡ଼ ଜାଆଁଳକୁ ସ୍ଥାନାନ୍ତରିତ କରିବା ପାଇଁ**

ପ୍ରଥମ ବର୍ଷ ଟେଙ୍କରେ ମାଛଚାଷ କରି ସେହି ଦଳ ପ୍ରାୟ ୫୦୦ କେଜି ମାଛର କ୍ଷତି ସହିଲେ ଯେଉଁ ମାଛ ଗୁଡ଼ିକର ଓଜନ ଥିଲା ୩୦୦ ଗ୍ରାମ କରି, ବର୍ଷା ଜଳ ଦ୍ୱାରା ବନ୍ଧ ବଢ଼ିଯାଇ ତାର ପାଣି ପାଖରେ ଥିବା ଅନ୍ୟ ଲୋକର ଜମିରେ ମାଡିଯିବାରୁ (ମାଛ ସୁଅରେ ଭାସି ସେହି କ୍ଷେତକୁ ଚାଲି ଗଲେ) ସେ ମାଛ ଜମିର ମାଲିକ ନେଇ ଗଲା । ମାଛ ସଂଗ୍ରହ କରିବାର ସମୟ ବିଷୟରେ ସେମାନେ ଏହା ଜାଣିଲେ ଯେ ବର୍ଷାଋତୁରେ ବନ୍ୟାଜଳ କମିଯିବା ପରେ ହିଁ ମାଛ ବନ୍ଧରେ ଛଡ଼ା ଯିବା ଉଚିତ । ତଥାପି ଏହି କ୍ଷତି ଛଡ଼ା ସେମାନେ ୨୦୦୫ ଫେବୃୟାରୀ ରୁ ମେ ମାସର ପ୍ରଥମ ଭାଗ ପର୍ଯ୍ୟନ୍ତ ଉତ୍ତମ ଧରଣର ମାଛ ପ୍ରାୟ ୩,୧୮୧ କେଜି ଅମଳ କରିଛନ୍ତି ଯାହାର ଦାମ ପ୍ରାୟ ୧୨୭, ୨୪୧ ଟଙ୍କା (US $ 3030) । ସମସ୍ତ ମାଛ, ମାଛ ବିକ୍ରୀ ସ୍ଥାନରେ ବିକ୍ରୀ କରାଗଲା ଯେଉଁଠାରେ ମାଛ ବ୍ୟବସାୟ ଓ ଗ୍ରାମର ଲୋକମାନେ ପ୍ରତି କେଜି କୁ ୪୦ ରୁ ୪୫ ଟଙ୍କା ଦରରେ କିଣିଲେ ।

ଦଳ ମଧ୍ୟରେ ବର୍ତ୍ତମାନ ଆତ୍ମବିଶ୍ୱାସ ବଢ଼ିଯାଇଛି, ଯେଉଁମାନେ ସମସ୍ୟା ସହିତ ସଂଘର୍ଷ କଲେ ପୁଣି ଶେଷରେ



**ସୁରଜାଲି କାଟହରେ ତିଆରି ହୋଇଥିବା ମାଛବିକ୍ରୀ ସ୍ଥଳ**

ତା  ମଧ୍ୟ ଦେଇ ଜୟଯୁକ୍ତ ହେଲେ । ସେମାନଙ୍କର ଅନେକ ଧାରଣା ହେଲାଣି କିପରୀ ଭାବରେ ଆହୁରୀ ଉନ୍ନତ ଧରଣର କାର୍ଯ୍ୟ କରି ପାରିବେ । ନାଳ ଗୁଡିକରେ ସେମାନେ ବାଡ଼ ଦେବା ପାଇଁ ଇଚ୍ଛା କରୁଛନ୍ତି । ଯେଉଁ ଗୁଡ଼ିକ କି ବନ୍ଧକୁ ପାଣି ଯୋଗାଇ ଥାନ୍ତି । ସେହି ପାଣିର ସୁଅରେ ମାଛ ମାନେ ବାହାରି ଚାଷ ଜମିକୁ ଚାଲିଯାଆନ୍ତି, ଏହି ମାଛ ମାନଙ୍କୁ ରୋକିବା ପାଇଁ ନାଳରେ ବାଡ଼ଦେବା ଆବଶ୍ୟକ । ସେମାନେ ମାଛ ବିହନକୁ ସେହି ଟ୍ୟାଙ୍କର ପାତ୍ର ମାନଙ୍କରେ ପାଳିବା ପାଇଁ ଚିନ୍ତା କରୁଛନ୍ତି, ଏହା ଦ୍ୱାରା ସେମାନଙ୍କୁ ବଡ଼ ଜାଆଁଳ ଅନ୍ୟ ସ୍ଥାନରୁ ସାଇକେଲ ରିକ୍ସାରେ ଆଣିବା ପାଇଁ ପଡିବ ନାହିଁ । ଦଳ ଗୋଟିଏ କୁଡିଆ ଘର ମଧ୍ୟ କରିବା ପାଇଁ ଚାହୁଁଛନ୍ତି ଯେଉଁଥିରେ କି ସେମାନେ ଜାଲ ଓ ଅନ୍ୟାନ୍ୟ ଉପକରଣ ରଖି ପାରିବେ ପୁଣି ଯେଉଁମାନେ ସେଠାରେ ଜଗିବା କାମ କରନ୍ତି ସେମାନଙ୍କର ଆଶ୍ରୟସ୍ଥଳ ମଧ୍ୟ ହୋଇ ପାରିବ ।



ଜୀବନ ଜ୍ୟୋତି ବ୍ୟବସାୟମାନଙ୍କୁ ମାଛ ଓଜନ କରି ବିକ୍ରୀ କରୁଛନ୍ତି

ମେ ମାସର ସକାଳ ମାନଙ୍କରେ ଆମେ କିଛି ସମୟ ସୁଭାସିନୀ ମେହେର ସହିତ ବିତାଇଲୁ । ସେ ମହିଳାମାନେ ପ୍ରାୟ ୫୦ କିଲୋ ମାଛ ବ୍ୟବସାୟୀମାନଙ୍କୁ ବିକ୍ରୀ କଲେ, ଯେତେବେଳେ କି ଗ୍ରାମବାସୀ ମାନେ ନିରନ୍ତର ଗୋଟିଏ କିମ୍ୱା ଦୁଇଟି ମାଛ କିଣିବା ପାଇଁ ଆସୁଥିଲେ।

ଜୀବନ ଜ୍ୟୋତି ବର୍ତ୍ତମାନ ଓଜନ କରିବା ପାଇଁ ଛୋଟ ପାତ୍ର ବ୍ୟବହାର କରୁଛି, ଯେଉଁଥିରେ ଥରକେ କେବଳ ୨ କିଲୋ ମାଛ ଧରିବ । ପ୍ରତି ଓଜନ ବେଳେ ସେମାନେ ମାଛ ରଖିଥିବା ପାତ୍ରକୁ ଝୁକତି ଦିଅନ୍ତି ସେମାନଙ୍କର ୨ କିଲୋ ବଟକରାର ପାତ୍ର ଅପେକ୍ଷା, ଏହିପରି ପ୍ରତି ଓଜନରେ ସେମାନେ ଖରିଦଦାର କୁ ବେଶ୍ କିଛି ଅଧିକା ଦେଇଥାନ୍ତି । ବ୍ୟବସାୟୀମାନଙ୍କ ସହିତ ବଡ଼ ଧରଣର କିଣା ବିକା କରିବା ସମୟରେ ଏହି ଅଧିକ ଝୁକତି ସେମାନଙ୍କର ସଂପର୍କକୁ ଠିକ୍ ରଖେ ମାତ୍ର ଏହି ହିସାବରେ ସେମାନେ ତାଙ୍କ ଅଂଶର ଅନେକ ଭାଗ ବ୍ୟବସାୟମାନଙ୍କୁ ଦେଇଥାନ୍ତି ।

ଏହି ଦୁଇ ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ ଗରୀବି ଜନ୍ତାକୁ ଭାଙ୍ଗିବାର ଦୃଢ଼ ସଂକଳ୍ପ ଏବଂ ମତ୍ସ୍ୟଚାଷ କେନ୍ଦ୍ରରୁ ପ୍ରଦାନ କରାଯାଇଥିବା ସୁଯୋଗ ସୁବିଧା ଜୀବନ ଜ୍ୟୋତିର ସଦସ୍ୟା ମାନଙ୍କର ଜିବୀକା ନିର୍ବାହକୁ ଅତିରିକ୍ତ ବୃଦ୍ଧି କରିଛି । ବର୍ତ୍ତମାନ ଯେ କେବଳ ସେମାନଙ୍କ ପାଖରେ ଅର୍ଥ ଅଛି ତା ନୁହେଁ ମାତ୍ର ବିକଳ୍ପ ମଧ୍ୟ ରହିଛି । ବଲାଙ୍ଗୀର ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ବର୍ତ୍ତମାନ ୧୫୦,୦୦୦ (US$ 3,571) ଟଙ୍କାର ଋଣ ମଞ୍ଜୁର କରିଛନ୍ତି ଏବଂ ୧୦୦.୦୦୦ (US$ 2,381) ଟଙ୍କାର ଏକ ଅନୁଦାନ ଯାହା ପାଇଁ ଜୀବନ ଜ୍ୟୋତି ଅଧିକାରୀ । ଦଳର ବ୍ୟାଙ୍କରେ ଜମାରାଶି ପୁଣି ତାଙ୍କର ଜମା ଖର୍ଚ୍ଚର ଚଳନୀ ବହୁତ ଭଲ ଯାହାକି ଗୋଟିଏ ମଧ୍ୟମରୁ ଛୋଟ ଧରଣର ବ୍ୟବସାୟ ଆରମ୍ଭ କରିବା ପାଇଁ ଏକ ବଳିଷ୍ଟ ମୂଳଦୁଆ । ଗରୀବମାନଙ୍କ ପାଇଁ ଏହା ଖର୍ଚ୍ଚିଲା ଯଦି ସେମାନଙ୍କୁ ୫% ସୁଧ ହାରରେ ଋଣ ନେବାପାଇଁ ହୁଏ, ଜରୁରୀକାଳିନ ପରିସ୍ଥିତିରେ ଯଦିଓ ତାହା ରୋଗ ଚିକିତ୍ସା ପାଇଁ ହେଉନା କାହିଁକି । କାନ୍ଧକେଲ ଗାଆଁରେ ବଲାଙ୍ଗୀର ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ନିଜସ୍ୱ ଶାଖା ଅଛି ଓ

ସେମାନଙ୍କର ବିଭିନ୍ନ ଆର୍ଥିକ ଯୋଜନା ରହିଛି, ଯାହା ବର୍ତ୍ତମାନ ସୌଦାମିନି ମେହେର ସୁଭାସିନି ମେହେରା ଓ ଦଳର ଅନ୍ୟାନ୍ୟ ସଦସ୍ୟାମାନଙ୍କୁ ମିଳିପାରିବ । ସମ୍ବଲେଶ୍ୱରୀ ଯୋଜନାର ଅନ୍ତର୍ଗତ ସଂଞ୍ଚୟ ପ୍ରକଳ୍ପରେ ଏଇ ଦଳର ପ୍ରତ୍ୟେକଙ୍କ ପାଖରେ ବ୍ୟକ୍ତିଗତ ୫୦୦୦ ହଜାର ଟଙ୍କାର ସଂଞ୍ଚୟ ରହିଛି ଯେଉଁଥିରୁ ବର୍ଷକୁ ସେମାନେ ୭% ସୁଧ ପାଆନ୍ତି, ଏହା ଛଡ଼ା ଜୀବନ ବୀମା ବାବଦ ୫୦.୦୦୦ ହଜାର ଟଙ୍କା ଅଛି ।

ଆମ୍ଭେମାନେ ସେ ଚାଲିଆରେ ମାଛ ବିକ୍ରୀ ସମୟରେ ସେମାନଙ୍କ ସହିତ କଥପୋ କଥନ କଲୁ । ସେହି ମହିଳାମାନେ ବର୍ଣ୍ଣନା କଲେ ଯେ ବର୍ତ୍ତମାନ ତାଙ୍କ ସାମନାରେ ଖୋଲା ହୋଇଥିବା ମାଛଚାଷର ବ୍ୟବସାୟ ସବୁଠାରୁ ଉତ୍ତମ । ସେ ଦଳର ସବୁଠାରୁ ବୟସ୍କ ମହିଳା, ଯାହାର ବାଳ ପାଉଁଶିଆ ଓ ଖରାରେ ଚକ୍ ଚକ୍ କରୁଥିଲା, ହଠାତ୍ ଛିଡ଼ାହୋଇ କହିଲା ଆଉ ଗୋଟିଏ ଫୋଟ ଉଠାନ୍ତୁ, ସେତେବେଳେ ଖରାର ତାପ ପ୍ରାୟ ୪୦° ସେଲ୍ସିୟସ୍ ଥିଲା । ସିଏ ପିନ୍ଧିଥିବା ଶାଢ଼ୀ ଯାହାକି ସିଏ



**ଜୀବନଜ୍ୟୋତି ସେମାନଙ୍କର ଶାଢ଼ୀ ଓ ମୋଛ**

ନିଜେ ବୁଣିଛି ଟେଙ୍କ ମଧ୍ୟରେ ପଶି ବିକ୍ରୀ ପାଇଁ ହାପା ମଧ୍ୟରେ ରଖାଯାଇଥିବା ମାଛରୁ ଗୋଟିଏ ନିଜେ ଧରି ଏକ କୌତୁକିଆ ଶୈଳିରେ ହସି କ୍ୟାମେରା ସାମନାରେ ଛିଡ଼ା ହେଲା ପୁଣି ଅନ୍ୟ ସମସ୍ତେ ମଧ୍ୟ ସେହି ପ୍ରକାର କଲେ ।

ସ୍ଥାନୀୟ ୧୮ ଟି ସଂଘସେବୀ ଦଳ ଯେଉଁ ମାନେ ସମସ୍ତେ ଜୀବନ ଜ୍ୟୋତିର ସୁନ୍ଦର ଉଦାହରଣର ତୀବ୍ର ପ୍ରତିଯୋଗୀ, ଏବଂ ୫ କିଲୋମିଟର ପରି ସିମାରେ ଅନେକ ଛୋଟ, ବଡ଼ ଟେଙ୍କ ରହିଛି । ଶ୍ରୀମାନ ସତ୍ପଥୀ ପ୍ରସ୍ତାବ କଲେ ଯେ ସାନ୍ତାଳ ବ୍ଲକ, ଗୋଟିଏ ମତ୍ସ୍ୟସେବା ସୂଚନା କେନ୍ଦ୍ର ସ୍ଥାପନା ପାଇଁ ଉପଯୁକ୍ତ ସ୍ଥାନ । ଏହା ଦ୍ୱାରା ଯେଉଁ ସଂଘ ସେବୀ ଦଳ ଗୁଡ଼ିକ ମତ୍ସ୍ୟଚାଷ ଆରମ୍ଭ କରୁଛନ୍ତି ସେମାନଙ୍କୁ ସେବା ପ୍ରଦାନ କରାଯାଇ ପାରିବ ।

ଫେରିବା ପଥରେ ସେହି ଗ୍ରାମ ମଧ୍ୟରେ ପ୍ରସ୍ତାବିତ ଗୃହଟିକୁ ମହିଳା ମାନେ ଆମକୁ ଦେଖାଇଲେ, ଆମ୍ଭେମାନେ ସମସ୍ତେ ରାଜିହେଲୁ ଯେ ଏହାଛଡ଼ା ଆଉ ଭଲ ସ୍ଥାନ ଏଠାରେ ନାହିଁ ।



**ମତ୍ସ୍ୟସେବା ସୂଚନା କେନ୍ଦ୍ର କାନ୍ଧକେଲ ଗାଆଁ ପାଇଁ**

ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଜୀବିକା ନିର୍ବାହ ଯୋଜନା ସଂମ୍ବନ୍ଧରେ ଅଧିକ ଜାନ୍କାରୀ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ, www.worlp.com ପାର୍ଟିସିପେଟରୀ ଏକ୍ୟାକଲ୍ଚାର ରିସାର୍ଚ ଏବଂ ପୂର୍ବ ଭାରତର ଉନ୍ନତି ବିଷୟରେ ଅଧିକ ସୁଚନା ଜାଣିବା ପାଇଁ ଯୋଗାଯୋଗ କରନ୍ତୁ DFID ନେଚୁରାଲ ରିସୋରସେସ୍ ସିଷ୍ଟମ୍ ପ୍ରୋଗ୍ରାମ ଅଥବା ନାକା ଷ୍ଟ୍ରୀମ୍ ଇନିସିଏଟିଭ୍ । ଏହି ଗଳ୍ପ ଡାଉନ୍ ଲୋଡ ହୋଇ ପାରିବ । www. streaminitiative.org ରୁ